## ବସ୍ତିବାସିନ୍ଦାଙ୍କ ଥଇଥାନ ଦାବିରେ ବିକ୍ଷୋଭ

**କଟକ ଅଫିସ:** ବିଡାନାସୀ ନୂଆସାହି ମୁଣ୍ଡାବସ୍ତିର କିଛି ଅଂଶକୁ ଗତ ଅଗଷ୍ଟ ୨୮ ଓ ୨୯ ତାରିଖରେ ପ୍ରଶାସନ ଉଚ୍ଛେଦ କରିଥିଲା। ସେବେଠାରୁ ସେମାନେ ରାସ୍ତାପାର୍ଶ୍ୱରେ ଜରି ଟାଙ୍ଗି ବର୍ଷା, ଶୀତ କାକରରେ ପଡି ରହିଛନ୍ତି। ସେମାନଙ୍କୁ ଥଇଥାନ ଦାବିରେ ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି ଅଫିସ ସମ୍ମୁଖରେ ଗୁରୁବାର ବିକ୍ଷୋଭ ସହ ସିଏମ୍‌ସି କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସିଏମ୍‌ସି କମିଶନର ନିଖିଲ ପଣ୍ଡନ କଲ୍ୟାଣ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମଞ୍ଚଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ବସ୍ତିନେତା ଦୀପକ ଦାସ, ସ୍ୱାଧିନୀ ବେହେରା, ସସ୍ମିତା ମହାନ୍ତି ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମାଷ୍ଟର ଗିରିଜା ମେମୋରିଆଲ ରୋଡ୍ ସେଫ୍ଟି ଫାଉଣ୍ଡେଶନ ଟ୍ରଷ୍ଟର ୪ର୍ଥ ପ୍ରତିଷ୍ଠା ଦିବସ ଅବସରରେ ରୋଡ୍ ସେଫ୍ଟି ଇନ୍ ଓଡ଼ିଶା ଫେଲିସିଏଶନ ସେରିମନି-୨୦୨୨, ରୋଟାରୀ ଭବନ, ପୂର୍ବାହ୍ନ ୧୦ଟା ୩୦।
- ଅନୁସୂଚିତ ଜାତି/ଜନଜାତି/ପଛୁଆ ବର୍ଗ ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା, ସତ୍ୟନଗର ମଶାଣି ଛକ, ପୂର୍ବାହ୍ନ ୧୧ଟା ୩୦।
- ଶିଶୁ ଯୌନ ଶୋଷଣ ବିରୋଧରେ ଜାତୀୟ ଶିଶୁ ପରାମର୍ଶ ସଭା, ସିୱାଇଏସ୍‌ଡି, ଅପରାହ୍ନ ୩ଟା ୩୦।
- ୬୫ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ଅଭିଲେଖାଗାର, ଅପରାହ୍ନ ୫ଟା ୩୦।
- ନୃତ୍ୟଶାଳା ପକ୍ଷରୁ କଳାକୃତିର ସାଂସ୍କୃତିକ ସନ୍ଧ୍ୟା, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଜବ୍‌କାର୍ଡଧାରୀ ଶ୍ରମିକ ୟୁନିୟନ ପକ୍ଷରୁ ଧାରଣା, ସଦର ବ୍ଲକ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- . ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁଞ୍ଜନ ଜାତୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟନ, ଶହୀଦ ଭବନ, ସନ୍ଧ୍ୟା ୬ଟା ୩୦।

# ଭକ୍ତଙ୍କୁ ରୁମ୍ ଦେବା ନାମରେ ଠକେଇ

**ପୁରୀ ଅଫିସ, ୨୪।୧୧**

ଶ୍ରୀମନ୍ଦିର ପ୍ରଶାସନ ଅଧୀନସ୍ଥ ନୀଳାଚଳ ଭକ୍ତ ଓ ଯାତ୍ରୀ ନିବାସରେ ଭକ୍ତଙ୍କୁ ରୁମ୍ ଦେବା ନାମରେ ସାଇବର ଲୁଟେରା ଠକୁଥିବା ନେଇ କିଛିଦିନ ତଳେ ଅଭିଯୋଗ ହୋଇଥିଲା। ଏଭଳି ଘଟଣା ଲୋକଲୋଚନକୁ ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ଗୁରୁବାର ସାଇବର ଥାନାର ଦ୍ୱାରସ୍ଥ ହୋଇଛି।

ସୂଚନାଯୋଗ୍ୟ, ଭକ୍ତନିବାସ ଓ ଯାତ୍ରୀନିବାସରେ ରୁମ୍ ବୁକିଂ ନାଁରେ ଠକେଇ ହେଉଛି। ଏଥିଲାଗି 'ଗୋ ଡାଡି ସାଇଟ୍‌ସ'ରେ ନୀଳାଚଳ ଭକ୍ତନିବାସ-୮୯ ନାମକ ଏକ ଫେକ୍ ଆଇଡି ଖୋଲାଯାଇଛି। ଏହି ଫେକ୍ ଆଇଡିକୁ ପ୍ରମୋଦ ଶାହା ନାମକ ବ୍ୟକ୍ତି ଖୋଲିଥିବା ସୂଚନା ମିଳିଛି। ପ୍ରାୟ ୫ଜଣ ଭକ୍ତ ଏହି ଆଇଡିରେ ରୁମ୍ ବୁକ୍ କରି ଠକେଇର ଶିକାର ହୋଇଥିଲେ। ସେମାନେ ଏ ନେଇ ଟାଉନ୍ ଥାନରେ ଅଭିଯୋଗ କରିଥିଲେ। ଏହି ଘଟଣା ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସିଛି। ଯାତ୍ରୀମାନେ ଅନ୍ୟ କୌଣସି ୱେବସାଇଟରେ ରୁମ୍ ବୁକ୍ ନ କରି ଶ୍ରୀମନ୍ଦିର ପ୍ରଶାସନର ଅଫିସିଆଲ୍ ୱେବ୍‌ସାଇଟ୍ https://shree-jagannath.in ଏବଂ https://stayatpurijagannath.inକୁ ଯାଇ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ସମସ୍ତ ଯାତ୍ରୀନିବାସରେ ଅନଲାଇନ ମାଧ୍ୟମରେ ରୁମ୍ ବୁକ୍ କରିପାରିବେ। ଏଥିରେ ସମସ୍ତ ଯାତ୍ରୀ ନିବାସର ଫୋନ ନମ୍ବର ଓ ମ୍ୟାନେଜରଙ୍କ ଫୋନ୍ ନମ୍ବର ଉପଲବ୍ଧ ରହିଛି। ଏଣୁ ଅଲଗା ସାଇଟ୍‌କୁ ଯାଇ ରୁମ୍ ବୁକ୍ କରିବାର କୌଣସି ଆବଶ୍ୟକ ନାହିଁ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ରୁମ୍ ବୁକ୍ ନାଁରେ ଅନ୍‌ଲାଇନ ଠକେଇ ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ଆଶା ରଖିଛି।

**ସାଇବର ଥାନାର ଦ୍ୱାରସ୍ଥ ହେଲା ଶ୍ରୀମନ୍ଦିର ପ୍ରଶାସନ**



# ରାସ୍ତାରେ ମାଣ ବସାଇଲେ ଅଙ୍ଗନୱାଡ଼ି କର୍ମୀ



ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଆନ୍ଦୋଳନରତ ଅଙ୍ଗନୱାଡ଼ି କର୍ମୀମାନେ ଗୁରୁବାର ମାଣବସା ଓଷା କରୁଛନ୍ତି।

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିସ୍ ୱାର୍କସ୍ ଆସୋସିଏଶନ ଓ ଭାରତୀୟ ମଜଦୂର ସଂଘ ନେତୃତ୍ୱରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଛନ୍ତି। ଗୁରୁବାର ଧାରଣାସ୍ଥଳରେ ମାଣବସା ଓଷା କରିଥିଲେ। ସେମାନେ ଲୋୟର ପିଏମ୍‌ଜି ରାସ୍ତାରେ ବିଧି ପୂର୍ବକ ଚିତା ପକାଇ ମାଣବସାଇ ଲକ୍ଷ୍ମୀ ପୂରାଣ ପଢ଼ି ପୂଜା କରିବା ସହ ସରକାରଙ୍କ ନିକଟରେ ଅଭିନବ ଦାବି ଉପସ୍ଥାପନ କରୁଥିବା ଦେଖିବାକୁ ମିଳିଥିଲା। ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି, ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଏହି ମାନ୍ୟତା ପ୍ରଦାନ ପର୍ଯ୍ୟନ୍ତ କର୍ମୀଙ୍କ ମାସିକ ଦରମା ୧୮ହଜାର ଟଙ୍କା ଓ ସହାୟିକାଙ୍କ ଦରମା ୯ ହଜାର ଟଙ୍କା, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡ଼ି କର୍ମୀ କରାଯିବା, ଅବସରକାଳୀନ ଭତ୍ତା, ମୃତ କର୍ମଚାରୀଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରରୁ ଜଣଙ୍କୁ ଚାକିରୀ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି।

## ଲାଞ୍ଚ ମାମଲା, ରାଜସ୍ୱ ପର୍ଷଦ ବରିଷ୍ଠ ସହାୟକଙ୍କୁ ୨ ବର୍ଷ ଜେଲ

**କଟକ ଅଫିସ,୨୪।୧୧**

କଟକସ୍ଥିତ ରାଜସ୍ୱ ପର୍ଷଦ ଅନ୍ତର୍ଗତ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟର ପୂର୍ବତନ ବରିଷ୍ଠ କିରାଣି ତଥା ବର୍ତ୍ତମାନର ବରିଷ୍ଠ ସହାୟକ ରେଣୁକା ଦେବୀ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ତାଙ୍କ ବିରୋଧରେ ଥିବା ଲାଞ୍ଚ ଗ୍ରହଣ ମାମଲାର ବିଚାର କରି କଟକ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ତାଙ୍କୁ ୨ ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦାଖଲ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ୨୦୧୧ରେ ରେଣୁକା ଏକ ଘରୋଇ ହସ୍ପିଟାଲ ପାଇଁ ପଞ୍ଜୀକରଣ ସାର୍ଟିଫିକେଟ ଇସ୍ୟୁ କରିବା ନିମନ୍ତେ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୪୨/୧୧) ରୁଜୁ ହୋଇଥିଲା। କଟକ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ସତ୍ୟ ନାରାୟଣ ପଟ୍ଟନାୟକ ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସର ସ୍ୱତନ୍ତ୍ର ସରକାରୀ ଓକିଲ ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ।

## ୧୨ ଶହ ବର୍ଷର ପୁରାତନ ମରିଚି ମୂର୍ତ୍ତି ଠାବ



ପିପିଲି,୨୪।୧୧(ସ୍ୱ.ପ୍ର.)- ପିପିଲି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ସିଂହାରପୁର ଗ୍ରାମସ୍ଥିତ ଶ୍ରୀ ଅଖଣ୍ଡଶ୍ୱର ମହାଦେବଙ୍କ ମନ୍ଦିର ପାର୍ଶ୍ୱରୁ ୧୨ ଶହ ବର୍ଷ ତଳର ପୁରୁଣା ମରିଚି ପଥର ମୂର୍ତ୍ତି ବୁଧବାର ଠାବ ହୋଇଛି। ଏହାକୁ ଇନ୍‌ଟାକ୍ ଟିମ୍‌ର ଐତିହ୍ୟ ଗବେଷକ ଦୀପକ ନାୟକ ଠାବ କରିଛନ୍ତି। ବୌଦ୍ଧଯୁଗର ଏହି ପ୍ରାଚୀନ ମୂର୍ତ୍ତି ମନ୍ଦିର ପାର୍ଶ୍ୱରେ ସାବିତ୍ରୀ ଭାବେ ପୂଜା ପାଉଥିଲେ। ଏଥିସହ ଅବହେଳିତ ଅବସ୍ଥାରେ ଥିବା ଭୈରବ, ଆସ୍ତିକ, ଜରତକରୁ ଓ ସୂର୍ଯ୍ୟଦେବତାଙ୍କ ପଥର ମୂର୍ତ୍ତି ପ୍ରଭୃତି ଉଦ୍ଧାର କରିଛନ୍ତି।

## ଅନୁପସ୍ଥିତ ୪ ଶିକ୍ଷୟିତ୍ରୀଙ୍କ ଦିନକର ଦରମା ବନ୍ଦ ନିର୍ଦ୍ଦେଶ

ସାକ୍ଷୀଗୋପାଳ,୨୪।୧୧(ସ୍ୱ.ପ୍ର./ଡି.ଏନ୍.ଏ.)- ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ ଗୁରୁବାର ଅଚାନକ ସତ୍ୟବାଦୀ ଗ୍ରସ୍ତରେ ଆସି ବ୍ଲକର ଅନେକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ବଲପୁର ନୋଡାଲ ହାଇସ୍କୁଲର ୪ ଜଣ ଶିକ୍ଷୟିତ୍ରୀ ବିନା ସୂଚନାରେ ବିଦ୍ୟାଳୟରେ ଅନୁପସ୍ଥିତ ରହିଥିଲେ। ଏହାର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅନୁପସ୍ଥିତ ଥିବା ୪ ଜଣ ଶିକ୍ଷୟିତ୍ରୀଙ୍କ ଗୋଟିଏ ଦିନର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିକ୍ଷୟିତ୍ରୀମାନେ ହେଲେ ସନ୍ଧ୍ୟାରାଣୀ ସେନାପତି, ଶ୍ୱେତା ସ୍ୱିଗ୍ଧା, ମିନତି ମିଶ୍ର, ବିଜୟଲକ୍ଷ୍ମୀ ପରିଡ଼ା। ଶିକ୍ଷା ଅଧିକାରୀଙ୍କ ଏହିଭଳି ଗ୍ରସ୍ତକୁ ସାଧାରଣରେ ପ୍ରଶଂସା କରଯାଇଛି।

# ସାଙ୍ଗ ପ୍ରେମିକାଙ୍କ ସହ କଥା ହେବାରୁ ନିର୍ଯାତନା, ୫ ଛାତ୍ର ଗିରଫ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

**ରାସ୍ତାରେ ଆଣ୍ଠେଇ ମାଡ ମାରିବା ଘଟଣା**



ଗିରଫ ୫ ଛାତ୍ର।

ରାସ୍ତାରେ ରାଜେଶ କୁମାର ନାୟକ ନାମକ ଜଣେ ଛାତ୍ରଙ୍କୁ ଆଣ୍ଠେଇ ମାଡ ମାରିବା ଘଟଣାର ଭିଡିଓ ଭାଇରାଲ ହେବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ସଂପୃକ୍ତ ୫ଜଣ ଛାତ୍ରଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ଆଠଗଡ ଥାନା ଅଞ୍ଚଳର ବିଠଲ ଓରଫ ପି.ବି. ଅୟସକାନ୍ତ (୨୩), ବୁବୁ ଓରଫ ପ୍ରିୟବ୍ରତ ଗୋଛି (୨୦), ବିଷ୍ଣୁ ପ୍ରସାଦ ସେଠୀ, ବଡମ୍ବା ନରସିଂହପୁର ଥାନା ଅଞ୍ଚଳର ଦେବଦତ୍ତ ଜେନା (୧୯) ଓ ଯାଜପୁର ଜିଲାର ଆଦିତ୍ୟ ଦାସ (୧୮)। ଅଭିଯୁକ୍ତମାନେ ଭୁବନେଶ୍ୱରର ଦୁଇ କଲେଜର ଛାତ୍ର ହୋଇଥିବାବେଳେ ତ୍ରିକୋଣୀୟ ପ୍ରେମକୁ ନେଇ ଏହି ଘଟଣା ଘଟିଥିବା ଜଣାପଡିଛି। ଏନେଇ ପୋଲିସ ମାମଲା (ନଂ.୪୫୬/୨୨) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନାନୁସାରେ, ରାଜେଶ ଓ ବିଠଲ ହେଉଛନ୍ତି ସାଙ୍ଗ। ରାଜେଶ ତାଙ୍କ ରୁମ୍‌କୁ ଯିବା ଆସିବା ଭିତରେ ବିଠଲଙ୍କ ମୋବାଇଲରୁ ତାଙ୍କ ପ୍ରେମିକାର ଫୋନ୍ ନମ୍ବର ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଫୋନ୍‌ରେ କଥାହେବା ଭିତରେ ମନ ମନେ ଭଲ ପାଇ ବସିଥିଲେ। ବାରମ୍ବାର ପ୍ରେମ ମେସେଜ୍ ପଠାଉଥିଲେ। ଏହା ଶୁଣିବା ପରେ ବିଠଲ ଉତ୍କ୍ଷିପ୍ତ ହୋଇଯାଇଥିଲେ। ପ୍ରେମିକଙ୍କୁ ଡାକି ପଚରାଉଚରା କରିବା ସହ ତାଙ୍କ ମୋବାଇଲ ଫୋନ୍‌କୁ ଯାଞ୍ଚ କରିଥିଲେ। ସେମାନେ ବାରମ୍ବାର କଥା ହୋଇଥିବା ଓ ମେସେଜ ଦିଆନିଆ ହୋଇଥିବା ଜଣାପଡିଥିଲା। ରାଜେଶ ତାଙ୍କ ପ୍ରେମିକାଙ୍କୁ ଫଶାଇ ଦେଇଥିବା ଜଣାପଡିବା ପରେ ବିଠଲ ତାଙ୍କୁ ପାନେ ଦେବାକୁ ସ୍ଥିର କରିଥିଲେ। ଗତ ୨୧ ତାରିଖ ବିଳମ୍ବିତ ରାତିରେ ଏଟିଏମ୍ ଛକ ନିକଟକୁ ରାଜେଶଙ୍କୁ ଡାକି ତାଙ୍କ ପ୍ରେମିକାଙ୍କଠାରୁ ଦୂରେଇ ଯିବାକୁ କହିଥିଲେ। ସେ ମନା କରିବାରୁ ବିଠଲ ଓ ସହଯୋଗୀମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବାଡ଼ିରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ପରଦିନ ପୁନର୍ବାର ଅଭିଯୁକ୍ତମାନେ ତାଙ୍କୁ ଉତ୍କଳ ହସ୍ପିଟାଲ ରାସ୍ତାକୁ ନେଇ ସେଠାରେ ମଧ୍ୟ ଅଶ୍ରାବ୍ୟ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼ ମାରି ଆଣ୍ଠେଇ ନିର୍ଯାତନା ଦେଇଥିଲେ। ଏପରିକି ଦୂରେଇ ନ ଗଲେ ଜୀବନରୁ ମାରିଦେବା ଲାଗି ମଧ୍ୟ ଧମକ ଦେଇଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଏନେଇ ରାଜେଶ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମସ୍ତ ୫ଜଣଙ୍କୁ ଚିହ୍ନଟ କରି ବୁଧବାର ୩ଜଣଙ୍କୁ ଓ ଗୁରୁବାର ୨ ଜଣଙ୍କୁ ଗିରଫ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**



@ ଲିକୁ



@ ସ୍ମୃତିରେଖା



@ ଆକାଶ



@ ଶ୍ରୀବତ୍ସ



@ ରୁଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜ ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜିଠୁ ଗୁଞ୍ଜନ ଜାତୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ

**କଟକ ଅଫିସ, ୨୪।୧୧**

ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁଞ୍ଜନ ଜାତୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ କଟକ ସହୀଦ ଭବନରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଜଗନ୍ନାଥ ମଙ୍ଗଳମ୍ ନୃତ୍ୟ ପରିବେଷଣ କରାଯିବ। ଏହାପରେ ଏକକ ନୃତ୍ୟ ପୁଷ୍ପା ପଣ୍ଡା ଓ ଭାଗ୍ୟଶ୍ରୀ ଆଏଚ୍, ଦିଲ୍ଲୀର କୁଚିପୁଡ଼ି ନୃତ୍ୟଶିଳ୍ପୀ ଟି. ରେଡ୍ଡୀ ଲକ୍ଷ୍ମୀ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯିବ। ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ କେଦାର ମିଶ୍ର ମର୍ଯ୍ୟାଦାପୂର୍ଣ୍ଣ ନିବେଦିତା ପଟ୍ଟନାୟକ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି ବୋଲି ଏକାଡେମୀର ସମ୍ପାଦକ ମୀରା ଦାସ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।




ଭାରତ ରକ୍ଷା ମଞ୍ଚ, ଗୁରୁଦ୍ୱାରା ଆରତି ସାହେବ ପୁରୀ, ଶ୍ରୀ ଗୁରୁ ନାନକ ଦେବଜୀ ରିଲିଜିଅସ୍ ଚାରିଟେବୁଲ ଟ୍ରଷ୍ଟ ମିଳିତ ଆନୁକୁଲ୍ୟରେ ଗୁରୁବାର ବେଳାଭୂମିରେ ଗୁରୁ ତେଗ୍ ବାହାଦୁରଜୀଙ୍କ ବଳିଦାନ ଦିବସ ପାଳନ।




ଦେବ ଦୀପାବଳିର ତୃତୀୟ ତଥା ଅନ୍ତିମ ଦିବସରେ ଗୁରୁବାର ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ଏବଂ ବିଶ୍ୱ ସନାତନ ପୀଠ ସୁରକ୍ଷା ମଞ୍ଚ ପକ୍ଷରୁ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ।



ମୁଗ ବିହନ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗୁରୁବାର ଚାଷୀମାନେ ବାଙ୍କୀ କୃଷି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# ବ୍ରାଜିଲ ୨-୦ରେ ଜିତିଲା

**ଦୋହା, ୨୪।୧୧ :** ସ୍ଥାନୀୟ ଲୁସେଲ ଆଇକନିକ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଗ୍ରୁପ୍ 'ଜି'ର ଏକ ମ୍ୟାଚରେ ବ୍ରାଜିଲ ୨-୦ ଗୋଲରେ ସର୍ବିଆକୁ ହରାଇ ଚଳିତ ଫିଫା ଫୁଟ୍‌ବଲ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ବ୍ରାଜିଲ ପ୍ରାଧାନ୍ୟ ବିସ୍ତାର କରି ଖେଳି ବିପକ୍ଷ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲା। ଫରୱାର୍ଡ ଖେଳାଳି ରିଚାର୍ଲିସନ ୬୩ ତମ ଓ ୭୩ତମ ମିନିଟ୍‌ରେ କ୍ରମାଗତ ଦୁଇଟି ଗୋଲ ସ୍କୋର କରି ତାଙ୍କ ଦଳକୁ ଜିତାଇଥିଲେ। ଏହି ବିଜୟ ସହ ବ୍ରାଜିଲ ଏହାର ପ୍ରଥମ ମ୍ୟାଚରୁ ସମ୍ପୂର୍ଣ୍ଣ ୩ ପଏଣ୍ଟ ହାସଲ କରି ଗ୍ରୁପ୍ 'ଜି' ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ସୁଇଜରଲାଣ୍ଡ ରହିଥିବା ବେଳେ ଗୋଟିଏ ହେଲେ ମ୍ୟାଚ ଜିତି ନ ଥିବା କାମେରୁନ୍ ଓ ସର୍ବିଆ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ସୂଚନାଯୋଗ୍ୟ, ୧୯୩୪ ଜୁନ୍ ୩ରେ ବେଲ୍‌ଗ୍ରେଡ୍‌ଠାରେ ୮-୪ରେ ପରାଜୟ ପରେ ସର୍ବିଆ (ଯୁଗୋସ୍ଲାଭିଆ ସମେତ) ବିପକ୍ଷରେ ଏଥରକୁ ମିଶାଇ ବ୍ରାଜିଲ ଖେଳିଥିବା ସମସ୍ତ ୧୮ଟି ମ୍ୟାଚରେ ବିଜୟ ଲାଭ କରିଛି।



ରସ୍ ଅବୁ ଅବୌଦ ଷ୍ଟାଡିୟମ୍‌ରେ ଗୁରୁବାର ପର୍ତ୍ତୁଗାଲ ଓ ଘାନା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ତଥାପି ସମ୍ଭବ

**ଜର୍ଜ ବୁରୁଚାଗା**

ଡିଏଗୋ ମାରାଡୋନା ଜଣେ ପ୍ରତିଭା। ଦୁଇ ବର୍ଷ ପୂର୍ବେ ଆମେ ଏହି ଦିନ ତାଙ୍କୁ ସବୁଦିନ ପାଇଁ ହରାଇଥିଲୁ। ସେ ଯେତିକି ଭଲ ସେତିକି ମନ୍ଦ ଥିଲେ। କହିବାକୁ ଗଲେ ସେ ଥିଲେ ଜଣେ ଅଲରାଉଣ୍ଡର । ଡିଏଗୋ ଥିଲେ ବିଶ୍ୱର ଶ୍ରେଷ୍ଠ ଖେଳାଳି। ଆର୍ଜେଣ୍ଟିନା ପାଇଁ ସେ ସବୁକିଛି କରିଛନ୍ତି। ଡିଏଗୋଙ୍କୁ ନେଇ ଅନେକ ସ୍ମୃତି ରହିଛି। ମାତ୍ର ସେହି ଗୋଲ୍ କଥା ମୋର୍ ଏବେ ବି ମନେପଡ଼େ। ତାଙ୍କର ଦୌଡ଼ ଏକ ଗୋଲ୍‌ରେ ଶେଷ ହୋଇଥିଲା। ଫୁଟ୍‌ବଲ ଇତିହାସରେ ଏହା ଶ୍ରେଷ୍ଠ ଗୋଲ୍ ବୋଲି ମୁଁ କହିବି। ଗ୍ରାଉଣ୍ଡ କଣ୍ଡିଶନ ଖରାପ ରହିଥିଲା। ସେଥିରେ ବଲ୍ ନିୟନ୍ତ୍ରଣ କରିବା ସହଜ ନ ଥିଲା। କିନ୍ତୁ ସେ ଥିଲେ ଯାଦୁକର ମାରାଡୋନା। ସେ ମୋ ଆଡେ ଦୃଷ୍ଟି ପକାଇବାରୁ ମୁଁ ଭାବିଲି ସେ ମୋତେ ପାସ୍ ଦେବାକୁ ଚାହୁଁଛନ୍ତି। ବିପକ୍ଷ ଦଳର ଖେଳାଳିମାନେ ମଧ୍ୟ ତାହା ମନେ କରିଥିଲେ। କିନ୍ତୁ ତାଙ୍କ ବିଚକ୍ଷଣ ମସ୍ତିଷ୍କରେ କ'ଣ ସବୁ ଖେଳୁଥିଲା ତାହା କେହି ଠଉରାଇପାରି ନ ଥିଲେ। ତାଙ୍କ ଯାଦୁକରୀ ଦୌଡ଼ ଅବିଶ୍ୱସନୀୟ ଗୋଲ୍‌ରେ ଶେଷ ହୋଇଥିଲା। ତାଙ୍କର ଏହି ଗୋଲ୍ 'ହ୍ୟାଣ୍ଡ୍ ଅଫ୍ ଗଡ୍ ଗୋଲ୍'କୁ ନେଇ ସମସ୍ତ ବିବାଦର ଅନ୍ତ ଘଟାଇଛି। ଏହି ହ୍ୟାଣ୍ଡ୍ ଅଫ୍ ଗୋଲ୍‌ଟିକୁ ଡିଏଗୋ ତାଙ୍କ ହାତରେ ସ୍କୋର କରିଥିଲେ। ସେତେବେଳେ ମୁଁ ଅପରପାର୍ଶ୍ୱରେ ଥିଲି। ଖୁବ୍ ନିକଟରେ ଥାଇ ମଧ୍ୟ ମୋ ନଜରରେ ପଡ଼ି ନ ଥିଲା। ଲାଇନ୍ସମ୍ୟାନ ଯେତେବେଳେ ମିଡ୍‌ଫିଲ୍ଡ ଛାଡ଼ି ଚାଲିଗଲେ ଡିଏଗୋ ଗୋଲ୍ ପାଇଁ ପରସ୍ପରକୁ ଆଲିଙ୍ଗନ କରି ସେଲିବ୍ରେଶନ ପାଇଁ ସାଥୀ ଖେଳାଳିମାନଙ୍କୁ କହିଥିଲେ। ତାହା ମଧ୍ୟ ହୋଇଥିଲା। ରେଫରି ପରୋକ୍ଷରେ ଗୋଲ୍‌କୁ ସ୍ୱୀକୃତି ଦେଇଥିଲେ। ଡିଏଗୋ ଥିଲେ ଅତ୍ୟନ୍ତ ବିଚକ୍ଷଣ। ଗୋଲ ସ୍କୋର ବେଳେ ମୁଁ ମାତ୍ର ୧୫ ମିଟର ଦୂରରେ ଥିଲି। ମୋ ବ୍ୟତୀତ ଅନେକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା ଗୋଲ୍‌ଟି ହେଡର ଜରିଆରେ ସ୍କୋର ହୋଇଥିଲା। ସେ ସମୟରେ ଭିଏଆର୍ (ଭିଡି ଆସିଷ୍ଟାଣ୍ଟ ରେଫରି) ବ୍ୟବସ୍ଥା ନ ଥିଲା । ଫଳରେ ମୋ ଭଳି ଅନେକ ଏହାକୁ ଯଥାର୍ଥ ଗୋଲ୍ ବୋଲି ମନେ କରିଥିଲେ। ଭଗବାନ ବୋଧେ ଚାହୁଁଥିଲେ ଇଂଲଣ୍ଡ ବିପକ୍ଷ ଏହି ମ୍ୟାଚରେ ଆର୍ଜେଣ୍ଟିନା ବିଜୟ ଲାଭ କରୁ। ଚଳିତ ବିଶ୍ୱକପ୍‌ରେ ଶକ୍ତିଶାଳୀ ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚ ଅପ୍ରତ୍ୟାଶିତ ଭାବେ ସାଉଦି ଆରବ ନିକଟରୁ ହାରିଯାଇଛି। ଏହି ପରିପ୍ରେକ୍ଷୀରେ ଦଳର ଅଧିନାୟକ ଲିଓନେଲ ମେସିଙ୍କୁ ମୁଁ କିଛି ପରାମର୍ଶ ଦେବାକୁ ଚାହୁଁଛି। ପଛକଥା ଭୁଲି ସତେଜ ମନ ନେଇ ଟୁର୍ନାମେଣ୍ଟର ଅବଶିଷ୍ଟ ମ୍ୟାଚଗୁଡ଼ିକ ଖେଳିବାକୁ ହେବ। ୧୯୯୦ ବିଶ୍ୱକପ୍‌ରେ ଆମେ ପ୍ରଥମ ମ୍ୟାଚ ହାରିଥିଲେ ମଧ୍ୟ ଫାଇନାଲରେ ପ୍ରବେଶ କରିପାରିଥିଲୁ। ଆମେ ସେହି ଫାଇନାଲ ଅନ୍ୟାୟରେ ହାରିଯାଇଥିଲୁ। ମୋର ଦୃଢ ବିଶ୍ୱାସ ଏଥର ଆର୍ଜେଣ୍ଟିନା ଟିମ୍ ଫାଇନାଲରେ ପହଞ୍ଚି କପ୍ ଜିତିପାରିବ। (ଟିଭାକ ସ୍ପୋର୍ଟ୍ସମ୍ୟାନେଜମେଣ୍ଟ)।

# ସୁଇଜରଲାଣ୍ଡ ବିଜୟୀ



ଗୋଲ ଦେବାପରେ ବ୍ରିଲ ଇମ୍ବୋଲୋଙ୍କ ପ୍ରତିକ୍ରିୟା।

**ଅଲ୍ ୱାକ୍ରା (କାତାର), ୨୪।୧୧ (ଏପି):** ବ୍ରିଲ ଇମ୍ବୋଲୋଙ୍କ ଗୋଲ ବଳରେ ସୁଇଜରଲାଣ୍ଡ ଚଳିତ ଫିଫା ବିଶ୍ୱକପ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଅନୁଷ୍ଠିତ ଗ୍ରୁପ୍ 'ଜି' ମ୍ୟାଚରେ ଏହି ଦଳ ୧-୦ ଗୋଲରେ କାମେରୁନକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚର ୪୮ତମ ମିନିଟରେ ଇମ୍ବୋଲୋ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ସୁଇଜରଲାଣ୍ଡ ବିଜୟୀ ହୋଇଥିଲେ ହେଁ ନିଜ ଗୋଲ ପାଇଁ ଖୁସି ମନାଇପାରି ନ ଥିଲେ ଇମ୍ବୋଲୋ। କାରଣ କାମେରୁନ ହେଉଛି ତାଙ୍କ ଜନ୍ମସ୍ଥାନ। ସେ ଗୋଲ ଦେବା ପରେ ଖୁସିରେ ଦୌଡ଼ିବା ପରିବର୍ତ୍ତେ କ୍ଷମା ମାଗିବା ଭଳି ହାତ ଉପରକୁ ଉଠାଇଥିଲେ। ୫ ବର୍ଷର ହୋଇଥିବାବେଳେ ଇମ୍ବୋଲୋ କାମେରୁନ ଛାଡ଼ିଥିଲେ। ପରେ ଫ୍ରାନ୍ସରେ କିଛିବର୍ଷ ରହି ପରେ ସୁଇଜରଲାଣ୍ଡ ବାସିନ୍ଦା ହୋଇଥିଲେ। ୨୫ ବର୍ଷୀୟ ଇମ୍ବୋଲୋ ଦ୍ୱିତୀୟ ଥର ପାଇଁ ସୁଇଜରଲାଣ୍ଡକୁ ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରୁଛନ୍ତି। ସୁଇଜରଲାଣ୍ଡ ଏହାର ପରବର୍ତ୍ତୀ ମ୍ୟାଚରେ ସୋମବାର ବ୍ରାଜିଲକୁ ଭେଟିବ।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**ୱେଲ୍ସ ବନାମ ଇରାନ୍**
ସ୍ଥାନ: ଅଲ ରାୟାନ ଷ୍ଟାଡିୟମ,
ସମୟ: ଦିନ ୩.୩୦

**କାତାର ବନାମ ସେନେଗାଲ**
ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ,
ସମୟ: ସନ୍ଧ୍ୟା ୬.୩୦

**ନେଦରଲାଣ୍ଡ୍ସ ବନାମ ଇକ୍ୱେଡର**
ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ,
ସମୟ: ରାତି ୯.୩୦

**ଇଂଲଣ୍ଡ ବନାମ ଯୁକ୍ତରାଷ୍ଟ୍ର ଆମେରିକା**
ସ୍ଥାନ: ଅଲ ବାଏଟ୍ ଷ୍ଟାଡିୟମ,
ସମୟ: ରାତି୧୨.୩୦

# ରୋନାଲ୍ଡୋଙ୍କ ବିରଳ ରେକର୍ଡ

**ଦୋହା, ୨୪।୧୧ (ଏପି)**

**ପର୍ତ୍ତୁଗାଲ ୩: ଘାନା ୨**

ଆଖିକୁ ବନ୍ଦକଲେ, ଦୀର୍ଘ ନିଶ୍ୱାସ ନେଲେ ଏବଂ ଗୋଲ ଦେଇ ବିଶ୍ୱକପରେ ଇତିହାସ ସୃଷ୍ଟି କଲେ। ଏହା ହେଉଛି ଚଳିତ ଫିଫା ବିଶ୍ୱକପର ଗୁରୁବାର ଅନୁଷ୍ଠିତ ଘାନା ବିପକ୍ଷ ମ୍ୟାଚରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ କଥା। ୬୫ତମ ମିନିଟରେ ପର୍ତ୍ତୁଗାଲକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଇତିହାସ ପୃଷ୍ଠାରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲେଖାଇଲେ ଏହି ଫୁଟବଲ ସୁପରଷ୍ଟାର। ୩୭ ବର୍ଷୀୟ ରୋନାଲ୍ଡୋ ଫିଫା ଇତିହାସରେ ପ୍ରଥମ ପୁରୁଷ ଖେଳାଳିଭାବେ ୫ଟି ବିଶ୍ୱକପରେ ଗୋଲ ଦେବାର ଗୌରବ ଅର୍ଜନ କଲେ। ଘାନା କଡ଼ା ଟକ୍କର ଦେଇଥିଲେ ହେଁ ଏହି ମ୍ୟାଚରେ ପର୍ତ୍ତୁଗାଲ ୩-୨ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଜୋଆଓ ଫେଲିକ୍ସ ୭୮ ଓ ରାଫେଲ ଲିଓ ୮୦ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ଘାନା ଦଳର ଆନ୍ଦ୍ରେ ଆୟୁ ୭୩ ଏବଂ ଓସମାନ ବୁକାରି ୮୯ତମ ମିନିଟରେ ଗୋଲ ୨ଟି ପରିଶୋଧ କରିଥିଲେ। ପୂରା ମ୍ୟାଚ ଫାଉଲରେ ଭରା ରହିଥିଲା। ପର୍ତ୍ତୁଗାଲ ଖେଳାଳି ୧୪ ଓ ଘାନା ଖେଳାଳି ୧୯ଥର ଫାଉଲ କରିଥିଲେ। ଫଳରେ ରେଫରି ପର୍ତ୍ତୁଗାଲର ୨ ଏବଂ ଘାନାର ୪ ଖେଳାଳିଙ୍କୁ ୟେଲୋ କାର୍ଡ ଦେଇଥିଲେ। ୨୦୦୬ରେ ପଦାର୍ପଣଠାରୁ ଏପର୍ଯ୍ୟନ୍ତ ସମସ୍ତ ବିଶ୍ୱକପରେ ରୋନାଲ୍ଡୋ ଗୋଲ ଦେଇଛନ୍ତି। ତାଙ୍କ ଅନ୍ତର୍ଜାତୀୟ ଗୋଲ ସଂଖ୍ୟା ୧୧୮ରେ ପହଞ୍ଚିଛି।

# କାତାରରେ ଇସ୍ରାଏଲ-ପାଲେଷ୍ଟାଇନ ବିବାଦ

**ଦୋହା, ୨୪।୧୧ (ପି.ଟି.)**

ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ବିବାଦ ବେଶ ପୁରୁଣା। ଉଭୟ ରାଷ୍ଟ୍ର ପରସ୍ପରକୁ ଭିନ୍ନ ନଜରରେ ଦେଖୁଥିବା ବେଳେ କାତାର ବିଶ୍ୱକପ୍‌ରେ ମଧ୍ୟ ଏହାର ଏକ ଝଲକ ଦେଖିବାକୁ ମିଳିଛି। ୧୯୪୮ରେ ପ୍ରଥମେ ଏହି ବିବାଦର ସୂତ୍ରପାତ ହୋଇଥିଲା। ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଚାଲିଥିବା ବିବାଦ କାରଣରୁ ଆରବ ଦୁନିଆ ମଧ୍ୟ ଇସ୍ରାଏଲକୁ ବିରୋଧ କରିଥିଲା। ଗାଜାକୁ ନେଇ ଚାଲିଥିବା ଏହି ଲଢେଇରେ ଆରବ ସମୁଦାୟ ପକ୍ଷରୁ ଇସ୍ରାଏଲକୁ ବିରୋଧ କରିଥିଲେ। ଇସ୍ରାଏଲରେ ବାସ କରୁଥିବା ୧ ଲକ୍ଷ ଆରବୀୟ ଜନସାଧାରଣଙ୍କୁ ନିଜ ବାସଗୃହ ହରାଇବାକୁ ପଡିଥିଲା। ଅପରପକ୍ଷରେ ୮.୫୬ ଲକ୍ଷ ଇହୁଦୀ ଜନସାଧାରଣ ଆରବ ଦେଶମାନଙ୍କରୁ ଇସ୍ରାଏଲ ଫେରିଲେ। ଚଳିତ ବିଶ୍ୱକପ୍‌ରେ ଉଭୟ ଇସ୍ରାଏଲ ଓ ପାଲେଷ୍ଟାଇନ ଦଳ ଅଂଶଗ୍ରହଣ କରୁନାହାନ୍ତି। ତେବେ ଉଭୟ ରାଷ୍ଟ୍ରର ଫୁଟବଲ ଫ୍ୟାନ ମ୍ୟାଚ୍ ଦେଖିବା ପାଇଁ ରହିଛନ୍ତି। ଏପରିକି ଉଭୟ ରାଷ୍ଟ୍ରର ଚ୍ୟାନେଲଗୁଡିକ ମଧ୍ୟ ସିଧା ପ୍ରସାରଣ ପାଇଁ ରହିଛନ୍ତି। ତେବେ ଇସ୍ରାଏଲୀ ଚ୍ୟାନେଲ୍ କାନ୍ ପକ୍ଷରୁ ଏକ ଭିଡିଓ ଭାଇରାଲ ହୋଇଛି, ଯାହା ଉଭୟ ରାଷ୍ଟ୍ର ମଧ୍ୟରେ ରହିଥିବା ରାଜନୈତିକ ବିବାଦ ପାଇଁ ନିଆଁରେ ଘିଅ ଢାଳିବା ଭଳି କାମ କରିଛି। ନିକଟରେ କାନ୍ ଚ୍ୟାନେଲର ସାମ୍ବାଦିକ ରିପୋର୍ଟିଂ କରୁଥିବା ବେଳେ କାତାରର ଜଣେ ସାଧାରଣ ନାଗରିକଙ୍କ ସାକ୍ଷାତକାର ନେବାକୁ ଚେଷ୍ଟା କରିଥିଲେ। କ୍ୟାମେରା ମୁହଁରେ ପଡିବା ପରେ କାତାର ନାଗରିକଙ୍କ ପ୍ରଶ୍ନ ଥିଲା ଏହା କେଉଁ ଚ୍ୟାନେଲ? ରିପୋର୍ଟର ଜଣଙ୍କ ଏହା ଇସ୍ରାଏଲର କାନ୍ ଚ୍ୟାନେଲ ବୋଲି କହିବା ପରେ ତୁରନ୍ତ କାତାର ନାଗରିକ କ୍ୟାମେରାକୁ ବନ୍ଦ କରି ଦେଇଥିଲେ। ଏହା କାତାର ନାଗରିକ ବା ଆରବ ଦୁନିଆର ଇସ୍ରାଏଲୀଙ୍କ ପ୍ରତି ଭାବନାର ଏକ ପ୍ରତିଫଳନ ଥିଲା। ତେବେ ଏହି ଫୁଟେଜକୁ ପାଲେଷ୍ଟାଇନର ମିଡିଆ ପ୍ରଚାର କରିଥିଲା। କାତାର ନାଗରିକ ଇସ୍ରାଏଲୀ ଟିଭି ଚ୍ୟାନେଲକୁ ବିରୋଧ କରୁଛନ୍ତି ବୋଲି ଖବର ପ୍ରକାଶ ପାଇଥିଲା। କାତାର ପକ୍ଷରୁ ଇସ୍ରାଏଲୀମାନଙ୍କୁ ସିଧାସଳଖ ବିମାନ ଯାତ୍ରାର ସୁଯୋଗ ମିଳିଥିଲେ ହେଁ ଏହା କେବଳ ଲୋକଦେଖାଣିଆ ଥିଲା ବୋଲି ପାଲେଷ୍ଟାଇନ ମିଡିଆରେ କୁହାଯାଇଥିଲା। ଏହାକୁ ନେଇ ବିଭିନ୍ନ ଚ୍ୟାନେଲରେ ଲାଇଭ୍ ବିତର୍କ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଇସ୍ରାଏଲର ଚ୍ୟାନେଲ ୧୩ ପକ୍ଷରୁ ଆରବ ଦୁନିଆ ସହିତ ପାଲେଷ୍ଟାଇନକୁ ବିରୋଧ କରାଯାଇଥିଲା। ଲାଇଭ୍ ରିପୋର୍ଟିଂରେ ଟାଲ ଶୋରର ଉଭୟ ଦେଶକୁ ସମାଲୋଚନା କରିବା ସହିତ କହିଥିଲେ, 'ତୁମ ଦେଶ ଜନ୍ମ ହୋଇନଥିବା ଶିଶୁମାନଙ୍କୁ ହତ୍ୟାରେ ସଂଶ୍ଳିଷ୍ଟ'। ଏହି ରିପୋର୍ଟିଂ ସମୟରେ ତାଙ୍କ ଉପରେ ଆକ୍ରମଣ ମଧ୍ୟ ହୋଇଥିଲା। କାତାର ମିଡିଆ ମଧ୍ୟ ଏହି ଘଟଣାକୁ ଭିନ୍ନ ଭାବରେ ପ୍ରସାରଣ କରିଥିଲା। 'ନୋ ଟୁ ନର୍ମାଲାଇଜେଶନ୍' ବା ସାଧାରଣ ପରିସ୍ଥିତିକୁ ନା ବୋଲି ହେଡ୍‌ଲାଇନ୍ ସହିତ କାତାର ମିଡିଆ ଏହି ଖବରକୁ ଚଳାଇଥିଲେ। ୨୦୨୦ରେ ବାହାରିନ୍ ଏବଂ ୟୁଏଇ ବନ୍ଧୁତ୍ୱର ହାତ ବଢାଇଥିବା ବେଳେ କାତାର ଏଭଳି କରିବାରେ ସମର୍ଥ ହେଉନାହିଁ ବୋଲି ଅଭିଯୋଗ କରାଯାଇଛି। ଏହା ସହିତ ଇସ୍ରାଏଲୀମାନଙ୍କୁ ମିଳିଥିବା ଅନୁମତି କେବଳ ଫିଫା କାରଣରୁ ସମ୍ଭବ ବୋଲି କାତାର ଅଫିସିଆଲଙ୍କ ବୟାନ ନିଆଁରେ ଘିଅ ଢାଳିବା କାମ କରିଥିଲା। ଏହି ବିବାଦ ସହିତ ଗାଜା ପଟ୍ଟିରେ ହିଂସା ବଢିବା ନେଇ ମଧ୍ୟ ଆଶଙ୍କା କରାଯାଇଛି। ହଜାର ହଜାର ଇସ୍ରାଏଲୀ ଫ୍ୟାନ୍ ଯୋଗ ଦେଉଥିବା ବେଳେ ମ୍ୟାଚ ସମୟରେ ମଧ୍ୟ ହିଂସାର ସ୍ଥିତି ଉପୁଜିପାରେ ବୋଲି କିଛି ଫ୍ୟାନ୍‌ଙ୍କ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି। କାତାରରେ ଉପସ୍ଥିତ ଥିବା ୬ ଜଣ କୂଟନୀତିଜ୍ଞ ମଧ୍ୟ ଏହି ମାମଲା ଉପରେ ନଜର ରଖିଛନ୍ତି। ଇସ୍ରାଏଲର ବଡ ଚ୍ୟାନେଲଗୁଡିକୁ ଲାଇଭ କଭରେଜର ଅନୁମତି ମିଳିଥିଲେ ହେଁ ଅନ୍ୟ ଚ୍ୟାନେଲମାନଙ୍କ ପରି ଷ୍ଟୁଡିଓ ସୁବିଧା ପ୍ରଦାନ କରାଯାଇ ନାହିଁ। ଏହା ସହିତ ଇସ୍ରାଏଲ ଅଧୀନରେ ଥିବା ପାଲେଷ୍ଟାଇନକୁ ମୁକ୍ତ କରିବା ପାଇଁ ମ୍ୟାଚ୍ ସମୟରେ ମଧ୍ୟ ନାରା ଲାଗିଥିଲା।

## ଅନ୍ୟ ଖେଳ ଖବର

# ଏକାମ୍ର କପ୍: ସିଡିଏ ଲାୟନ୍ସ ଚାମ୍ପିୟନ



ଚାମ୍ପିୟନ ସିଡିଏ ଲାୟନ୍ସ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ପୁରୁଣା ଭୁବନେଶ୍ୱର, ୨୪।୧୧ (ଡି.ଏନ୍.ଏ.):** ସ୍ଥାନୀୟ କେଶୁରା କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ଏକାମ୍ର କପ୍ କ୍ରିକେଟ ଟୁର୍ନାମେଣ୍ଟରେ କଟକର ସିଡିଏ ଲାୟନ୍ସ ଚାମ୍ପିୟନ ହୋଇଛି। ଫାଇନାଲରେ ଲାୟନ୍ସ ଭୁବନେଶ୍ୱରର ସହିଦନଗର ଦଳକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଡିଏ ଲାୟନ୍ସ ନିର୍ଦ୍ଧାରିତ ୧୬ ଓଭରରେ ୯ ଉଇକେଟ ହରାଇ ୨୫୩ ରନ କରିଥିଲା। ଜବାବରେ ସହିଦନଗର ପୂରା ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୨୪୩ରନ୍ କରିବାକୁ ସକ୍ଷମ ହୋଇଥିଲା। ଲାୟନ୍ସକୁ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ସହିଦନଗରକୁ ୩୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। କେଶୁରା ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିକ୍ରମ କେଶରୀ ସେଠୀ, ଗ୍ରାମ ମୁଖିଆ ଶୁକଦେବ ସ୍ୱାଇଁ, ସାମାଜିକ କର୍ମୀ ଶକ୍ତି ମିଶ୍ର, ବିଜୟାନନ୍ଦ ପ୍ରଧାନ, ମହେନ୍ଦ୍ର ସ୍ୱାଇଁ, ବିନୋଦ ସ୍ୱାଇଁ, ପ୍ରହଲ୍ଲାଦ ପ୍ରଧାନ, ରବୀନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳର କୁଡ୍ଡୁସ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ହୀରାଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ଅପ୍ ଦଳର ଲିଟିଲ ରାଜୁଙ୍କୁ ଶ୍ରେଷ୍ଠ ବୋଲର ଏବଂ ଲିଟୁଙ୍କୁ ଶ୍ରେଷ୍ଠ ବ୍ୟାଟର ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି କୃତ୍ତାର୍ଥ ପ୍ରଧାନ ଏବଂ ତପନ ଭୋଳ, ଆର୍ତ୍ତତ୍ରାଣ ପ୍ରଧାନ, ରଫି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ଦିଲୀପ ତିର୍କୀଙ୍କ ଉପରେ ପ୍ରଦର୍ଶନୀ



ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୨୪।୧୧ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନର ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ଉପରେ ଏକ ପ୍ରଦର୍ଶନୀ 'ସାବାସ ଦିଲୀପ' ଗୁରୁବାର ସୂଚନା ଭବନ ପରିସରରେ ଉଦ୍‌ଘାଟିତ ହୋଇଛି। ଏହି ପ୍ରଦର୍ଶନୀକୁ ପଦ୍ମଶ୍ରୀ ତିର୍କୀଙ୍କ ଉପସ୍ଥିତିରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢୀ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଖବରଦାତା ସମ୍ବିତ ମହାପାତ୍ରଙ୍କ ପ୍ରୟାସରେ ଆୟୋଜିତ ଏହି ପ୍ରଦର୍ଶନୀରେ ଦିଲୀପଙ୍କ ଖେଳ ଜୀବନୀ ସମ୍ପର୍କିତ ଫଟୋ, ପେଣ୍ଟିଂ, କାର୍ଟୁନ ଏବଂ ତାଙ୍କ ଖେଳ ଉପକରଣ ତଥା ସେ ଜିତିଥିବା ବିଶେଷ ପୁରସ୍କାରଗୁଡିକ ସ୍ଥାନ ପାଇଛି। ତାଙ୍କ କ୍ୟାରିୟରର ମ୍ୟାଚ ଓ ଗୋଲ ବିବରଣୀ ମଧ୍ୟ ଦର୍ଶକଙ୍କ ଲାଗି ରଖାଯାଇଛି। ତାଙ୍କୁ ନେଇ ଲେଖା ହୋଇଥିବା ଅନେକ କବିତା ମଧ୍ୟ ଏହି ପ୍ରଦର୍ଶନୀରେ ସାମିଲ ରହିଛି। ରେଲୱେର ବରିଷ୍ଠ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ, ବିଶିଷ୍ଟ କୋଚ୍ ଅରୁଣ କୁମାର ଦାସ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ଭାରତୀୟ ଚେସ୍ ସଂଘର ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଏଭରେଷ୍ଟ ଆରୋହୀ ଗଣେଶ ଜେନା, ବିଶିଷ୍ଟ କୋଚ୍ ହରିପ୍ରସାଦ ପଟ୍ଟନାୟକ, ରଶ୍ମି ରଞ୍ଜନ ପରିଡା ଓ ଏସ. ସତ୍ୟପ୍ରଜ୍ଞଙ୍କ ସହ ବହୁ ଖେଳାଳି, ପ୍ରଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ଏବଂ କିସ୍‌ର ୧୦ଜଣ ଯୁବ ହକି ତାରକା ଉଦ୍‌ଘାଟନୀ ଉତ୍ସବରେ ସାମିଲ ଥିଲେ।

# ଚେନ୍ନାଇନକୁ ହରାଇଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର,୨୪।୧୧, (ସ୍ପୋର୍ଟ୍ସ ବ୍ୟୁରୋ)**

କଳିଙ୍ଗ ଷ୍ଟାଡିୟମରେ ନିଜର ବିଜୟ ଧାରା ବଜାୟ ରଖିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗୁରୁବାର ଇଣ୍ଡିଆନ୍ ସୁପରଲିଗ୍‌ରେ ଖେଳାଯାଇଥିବା ଚେନ୍ନାଇନ୍ ଏଫ୍‌ସି ବିପକ୍ଷ ମୁକାବିଲାକୁ ସଂଘର୍ଷପୂର୍ଣ୍ଣ ୩-୨ରେ ଜିତି ନେଇଛି ଓଏଫ୍‌ସି। ମ୍ୟାଚର ଅତିରିକ୍ତ ସମୟରେ ନନ୍ଦକୁମାର ଶେକରଙ୍କ ଗୋଲ ବଳରେ ଓଏଫ୍‌ସି ଏହି ମ୍ୟାଚ୍ ଜିତି ନେଇଥିଲା। ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ(୪୯) ଓ ନନ୍ଦକୁମାର(୯୦+୭) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଭାଫା ହକାମନେସି ମ୍ୟାଚର ୩୧ ତମ ମିନିଟରେ ଏକ ଆତ୍ମଘାତୀ ଗୋଲ କରିଥିଲେ। ଚେନ୍ନାଇ ପକ୍ଷରୁ ଆବଦେ ନାସେର ଅଲଖୟାତି(୬୦, ୯୦+୪) ଦୁଇଟି ଯାକ ଗୋଲ ସ୍କୋର କରିଥିଲେ।

ଏହି ମ୍ୟାଚରେ ଓଏଫ୍‌ସି ୪-୩-୩ ଓ ଚେନ୍ନାଇ ୪-୨-୩-୧ କମ୍ବିନେସନରେ ଓହ୍ଲାଇଥିଲେ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ପ୍ରଥମାର୍ଦ୍ଧରେ ଓଏଫ୍‌ସି ବେଶ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ଓଏଫ୍‌ସି ଆକ୍ରମଣାତ୍ମକ ଖେଳିଥିବା ବେଳେ ୩୧ତମ ମିନିଟରେ ଦଳକୁ ମିଳିଥିଲା ପ୍ରଥମ ସଫଳତା।

**ଫ୍ଲଡଲାଇଟ ଲିଭିଲା**

ମ୍ୟାଚର ଅତିରିକ୍ତ ସମୟରେ ଚେନ୍ନାଇକୁ ପେନାଲ୍ଟି କିକ୍ ମିଳିବା ସମୟରେ ଷ୍ଟାଡିୟମର ଫ୍ଲଡ ଲାଇଟରେ ତ୍ରୁଟି ଦେଖିବାକୁ ମିଳିଥିଲା। ଫଳରେ ବେଶ୍ କିଛି ସମୟ ଷ୍ଟାଡିୟମ ଅନ୍ଧାରରେ ରହିଥିଲା। ଫ୍ଲଡ୍ ଲାଇଟ୍ ୧୦ ମିନିଟ ମଧ୍ୟରେ ଠିକ୍ ହେବା ସହିତ ମ୍ୟାଚ ପୁନର୍ବାର ଆରମ୍ଭ ହୋଇଥିଲା।



ଇଣ୍ଡିଆନ ସୁପରଲିଗ୍‌ରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଦିନିକିଆ ଆଜି

**ଅକଲାଣ୍ଡ,୨୪।୧୧(ପି.ଟି.):** ଟି୨୦ ସିରିଜରେ ବିଜୟ ପରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ୨୦୨୩ ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ୨୦୨୦ ବିଫଳତାକୁ ଭୁଲି ଭାରତ ଏକ ନୂତନ ଆରମ୍ଭ ପ୍ରୟାସରେ ରହିବ। ଭାରତ ଏହାର ୫ ଜଣ ବରିଷ୍ଠ ଖେଳାଳିଙ୍କୁ ଏହି ସିରିଜ ପାଇଁ ବିଶ୍ରାମ ଦେଇଛି। ଏହି ସିରିଜରେ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ୨୦୨୩ ନିମନ୍ତେ ଦଳ ଗଠନକୁ ଦୃଷ୍ଟିରେ ରଖିଲେ ଏହି ସିରିଜ ବେଶ୍ ଗୁରୁତ୍ୱ ବହନ କରିବ। ଦଳ ଚୟନକୁ ନେଇ ଭାରତୀୟ ମ୍ୟାନେଜମେଣ୍ଟ ସାମାନ୍ୟ ଦ୍ୱନ୍ଦ୍ୱରେ ରହିବ। ଶୁବମନ୍ ଗିଲ୍ ଦିନିକିଆରେ ଓପନର ଭାବରେ ଭଲ ପ୍ରଦର୍ଶନ କରିଥିବା ବେଳେ ସେ ଧାୱନଙ୍କ ସହିତ ଓପନ୍ କରିବେ। ତେବେ ଶର୍ଟ ବଲରେ ଅସହଜ ମନେହେଉଥିବା ଶ୍ରେୟସ ଆୟର, ଦୀପକ ହୁଡା ଓ ସଞ୍ଜୁ ସାମସନଙ୍କ ମଧ୍ୟରୁ ଜଣେ ଟିମ୍‌ରେ ସ୍ଥାନ ପାଇପାରନ୍ତି।

